20450036

# ODIA

*Maximum Marks : 80*

*Time Allotted : Three Hours*

*Reading Time : Additional Fifteen minutes*

## Instructions to Candidates

1. You are allowed an **additional fifteen minutes** for **only** reading the question paper.
2. You must **NOT** start writing during reading time.
3. This question paper has **8 printed pages**.
4. It is divided into **two sections : Section A and Section B**.
5. It has **fifteen questions** in all.
6. **Section A** has **three questions**. All questions are **compulsory**.
7. While attempting **Multiple Choice Questions** in **Section A**, you are required to **write only ONE option as the answer**.
8. **Section B** has **twelve questions**. You are required to attempt **any four** questions in this section on **any three** out of the four prescribed textbooks.
9. The intended marks for questions are given in brackets [ ].

## Instruction to Supervising Examiner

1. Kindly read **aloud** the Instructions given above to all the candidates present in the examination hall.



© *Copyright reserved.*

SEAL

## SECTION - A

## LANGUAGE - 40 MARKS

**Question 1** **[15]**

**Write a composition in Odia of approximately 400 words on any *one* of the following topics.**

**ନିମ୍ନଲିଖିତ ବିଷୟମାନଙ୍କ ମଧ୍ୟରୁ ଯେକୌଣସି ଗୋଟିଏ ବିଷୟରେ ପ୍ରାୟ ୪୦୦ ଶବ୍ଦ ମଧ୍ୟରେ ରଚନାଟିଏ ଲେଖ ।**

(i) ତୁମ ମାଆ କିପରି ଭାବେ ତୁମ ଜୀବନକୁ ପ୍ରଭାବିତ କରିଛନ୍ତି ବର୍ଣ୍ଣନା କର ।

(ii) ଜୀବନରେ ସୁଖ ଏବଂ ସମୃଦ୍ଧି ପାଇବା ପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜ ପାଇଁ ଏକ ବୃତ୍ତି ବାଛିବାକୁ ଚହାଁନ୍ତି । ଆପଣ ନିଜ ପାଇଁ କେଉଁ ବୃତ୍ତି ବାଛିବାକୁ ଚାହିଁବେ ଓ କାହିଁକି ?

(iii) ଯିଏ ଶୃଙ୍ଖଳାରେ ରହିବା ଶିଖେ, ସେ ଜୀବନର ସବୁଠାରୁ ବଡ଼ ସମ୍ପତ୍ତି ପାଇଥାଏ । ଆଲୋଚନା କର ।

(iv) ଅପରାଧୀ ଦୂର କରି ନୁହେଁ, ଅପରାଧକୁ ଦୂର କରି ଏକ ଶକ୍ତିଶାଳୀ ରାଷ୍ଟ୍ର ଗଠନ କରାଯାଏ । ତୁମର ମତାମତ ଉପସ୍ଥାପନ କର ।

(v) ପ୍ରଯୁକ୍ତି ବିଦ୍ୟା ବିକାଶ ମଣିଷକୁ ସୁବିଧାର ଦାସ କରିଛି । ଏହି ବିଷୟରେ ତୁମର ମତ ଉପସ୍ଥାପନ କର ।

(vi) ନିମ୍ନୋକ୍ତ ପ୍ରବାଦ ମଧ୍ୟରୁ ଯେ କୌଣସି ଗୋଟିଏ ବିଷୟରେ କ୍ଷୁଦ୍ର ଗଳ୍ପ ଲେଖ ।

   (a) ଫମ୍ପା ମାଠିଆର ଶବ୍ଦ ବେଶୀ

   (b) ଅର୍ଥ ହିଁ ଅନର୍ଥର ମୂଳ

**Question 2**

**Read the passage given below carefully and then answer the questions that follow, using your own words in Odia.**

**ପ୍ରଦତ୍ତ ଗଦ୍ୟାଂଶଟିକୁ ପାଠକରି ନିମ୍ନୋକ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଓଡ଼ିଆରେ ଲେଖ ।**

ଇତିହାସରେ ଏମିତି କିଛି ଘଟଣାର ନଜିର ରହିଛି, ଯେତେବେଳେ ସଂଗୀତ ଓ ଗଳ୍ପ ମାଧ୍ୟମରେ ନିଦ୍ରାହୀନତାକୁ ଦୂର କରିବାର ପ୍ରଚେଷ୍ଟା କରାଯାଇଛି । ଇଟାଲୀର ଏକଛତ୍ରବାଦୀ ଶାସକ ବେନିତୋ ମୁସୋଲିନୀ ଯେତେବେଳେ ଗଭୀର ନିଦ୍ରାହୀନତାର ଶିକାର ହୋଇପଡ଼ିଥିଲେ, ସେତେବେଳେ ଭାରତର ପ୍ରସିଦ୍ଧ ଶାସ୍ତ୍ରୀୟ ଗାୟକ ପଣ୍ଡିତ ଓଁକାରନାଥ ଠାକୁରଙ୍କ ଦ୍ୱାରା ଗାୟନ କରାଯାଇଥିବା 'ପୁରୀୟା' ରାଗର 'ବନ୍ଦିଶ' ତାଙ୍କୁ ନିଦ୍ରା କୋଳକୁ ଘେନି ଯାଇଥିଲା । ଠିକ୍ ସେହିପରି, ସେକ୍ସପିଅରଙ୍କ ରଚିତ କିଂ-ହେନେରି-୪ ନାଟକରେ ଅବସାଦ, ଉଦ୍‌ବେଗ ଓ ବ୍ୟଗ୍ରତାଜନିତ ନିଦ୍ରାହୀନତାର ଶିକାର ରାଜା ହେନେରିଙ୍କ ଏକ ପ୍ରସିଦ୍ଧ ସଂଳାପ ହେଉଛି, "ଅନ୍‌ଇଜି ଲାଇକ୍ ଦି ହେଡ୍, ଦାଟ୍ ଓୟାରସ୍ ଏ କ୍ରାଉନ୍; ଯାହାର ଓଡ଼ିଆ ମର୍ମାର୍ଥ ହେଲା ଯେଉଁ ମୁଣ୍ଡ ରାଜମୁକୁଟ ବହନ କରେ, ଦୈନନ୍ଦିନ ଜୀବନର ସହଜତା ତା ପାଇଁ ଦୁର୍ଲ୍ଲଭ ହୋଇପଡ଼େ ।" ସାଧାରଣ ନାଉରିଆଟିଏ କେମିତି ରାତିରେ ସୁଖନିଦ୍ରା ଯାଏ, ଅର୍ଥାତ୍ ନିଜେ ରାଜା ହୋଇ ମଧ୍ୟ ସେ କେମିତି ନିଦ୍ରା ଯାଆନ୍ତି ନାହିଁ, ତାହା ତାଙ୍କୁ ବଡ଼ ବ୍ୟଥିତ କରୁଥିଲା । ଶୁଣାଯାଏ ଗଳ୍ପକାରମାନଙ୍କ ମାଧ୍ୟମରେ ଗଳ୍ପ ଶୁଣାଇ ରାଜାଙ୍କୁ ଶୁଆଇ ଦେବାର ପ୍ରଚେଷ୍ଟା କରାଯାଉଥିଲା ।

ସେ ଯାହା ହେଉ, ଆଲୋଚନା ଆଉ ସମାଲୋଚନାର ଉର୍ଦ୍ଧ୍ୱରେ ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘ ରୋଗମୁକ୍ତ ଜୀବନ ପାଇଁ ସୁଖନିଦ୍ରା ଯେ ଅପରିହାର୍ଯ୍ୟ ଏଥିରେ କୌଣସି ଦ୍ୱିମତ ନାହିଁ । ତେବେ ଏଠାରେ କଥା ଉଠୁଛି ଯେ ଯୌଥ ପରିବାରରେ ସିନା ଜେଜେବାପା, ଜେଜେମା’, ବଡ଼ବାପା, ବଡ଼ମା, ଦାଦା ଖୁଡ଼ୀ ମାନଙ୍କ ରୂପରେ ଗଳ୍ପକାରର ଅଭାବ ନଥିଲା; କିନ୍ତୁ ବର୍ତ୍ତମାନ ସମୟରେ କର୍ମଦାୟର ସମସ୍ତେ ସମସ୍ତଙ୍କ ଠାରୁ ଯେତେବେଳେ ଅଲଗା, ସେତେବେଳେ ଗଳ୍ପକାର କୋଉଠୁ ମିଳିବେ ?

କିନ୍ତୁ ମୁଁ ମନେ କରୁଛି ଅଜଣା ସହରରେ ମଧ୍ୟ ଜାତି, ବର୍ଣ୍ଣ, ଧର୍ମ, ବୟସ ଓ ଲିଙ୍ଗର ଉର୍ଦ୍ଧ୍ୱରେ ନିଜର ଚିନ୍ତା, ଚେତନା ଓ ବ୍ୟବହାର ସହ ମେଳ ଖାଉଥିବା ଲୋକଟିକୁ ନିଜର କାହାଣୀକାର ରୂପରେ ଖୋଜାଯାଇପାରେ, କେବଳ ପରୀରାଇଜ, ରାଜାରାଣୀ, ବୁଢ଼ୀ ଅସୁରୁଣୀ କଥା ଯେ କାହାଣୀ ହୋଇପାରେ, ସେ କଥା ନୁହେଁ । ଅନେକ ସମୟ ଧରି ନିଜ ନିଜ ସମ୍ବନ୍ଧରେ କଥାବାର୍ତ୍ତା, ଭଲମନ୍ଦ, ହାନିଲାଭ ବିଷୟ ବି ଗୋଟେ ଗୋଟେ କାହାଣୀ ହୋଇଥାଏ । କାହାଣୀର ସମୟ କେବଳ ଶୋଇବା ପୂର୍ବରୁ ନୁହେଁ ବରଂ ସକାଳର ଚା’ ପିଇବା ସମୟ, ସାନ୍ଧ୍ୟଭ୍ରମଣ କିମ୍ବା ରାତ୍ରିର ଆସର ମଧ୍ୟ କାହାଣୀ ପାଇଁ ପ୍ରକୃଷ୍ଟ ସମୟ ହୋଇପାରେ । କେବଳ ଏତିକି ହିଁ ମଣିଷକୁ ଅନେକ କ୍ଳାନ୍ତି ଓ ମାନସିକ ଅବସାଦରୁ ଦୂରେଇ ନେଇ ଅପୂର୍ବ ସତେଜତା ଭରି ଦେଇ ରାତିରେ ସୁଖନିଦ୍ରାକୁ ନିମନ୍ତ୍ରଣ ଦେଇପାରେ ।

ନିଦ୍ରା ସହ ସୁସ୍ୱାସ୍ଥ୍ୟ ସମ୍ପର୍କକୁ ଲକ୍ଷ୍ୟରେ ରଖି ପ୍ରତିବର୍ଷ ‘‘ବିଶ୍ୱ ଶୟନ ସମାଜ’’ ପକ୍ଷରୁ ‘‘ବିଶ୍ୱ ଶୟନ ଦିବସ’’ ପାଳନ କରାଯାଏ । ପୃଥିବୀର ଉତ୍ତର ଗୋଲାର୍ଦ୍ଧରେ ଯେଉଁ ଦିନଠାରୁ ବସନ୍ତର ଆଗମନ ହୁଏ, ତାର ଠିକ୍ ପୂର୍ବ ଶୁକ୍ରବାରକୁ ବିଶ୍ୱ ଶୟନ ଦିବସ ରୂପେ ପାଳନ କରାଯାଏ ।

(i) ବେନିତୋ ମୁସୋଲିନୀ କେଉଁ ରୋଗରେ ଆକ୍ରାନ୍ତ ଥିଲେ ? ତାଙ୍କୁ କିଏ ରୋଗମୁକ୍ତ କରିଥିଲେ ? **[3]**

(ii) ଆଗକାଳ ଅପେକ୍ଷା ଆଜିକାଲି ଘରେ କାହିଁକି ଗାଳ୍ପିକଙ୍କ ଅଭାବ ଦେଖାଯାଏ ? **[3]**

(iii) କାହିଁକି ଓ କେବେ ବିଶ୍ୱ ଶୟନ ଦିବସ ପାଳନ କରାଯାଏ ? **[3]**

(iv) ଉପଯୁକ୍ତ ଉତ୍ତର ଚୟନ କର :

(a) ଦୀର୍ଘ ରୋଗମୁକ୍ତ ଜୀବନ ପାଇଁ କ’ଣ ଅପରିହାର୍ଯ୍ୟ ଅଟେ ? **[1]**

(1) ପ୍ରଚୁର ଟଙ୍କା

(2) ସୁଖନିଦ୍ରା

(3) ପରମ ଆନନ୍ଦ

(4) ପରିଭ୍ରମଣ

(b) ହେନେରୀ - ୪ ନାଟକର ଲେଖକ କିଏ ? **[1]**

(1) ସେକ୍ସପିଅର

(2) ଓଁକାରନାଥ

(3) ବେନିତୋ ମୁସୋଲିନୀ

(4) ରବୀନ୍ଦ୍ରନାଥ

20450036

(c) ଗଳ୍ପ ମାଧ୍ୟମରେ କ'ଣ ଦୂର କରିବାର ପ୍ରଚେଷ୍ଟା କରାଯାଇଛି ? [1]

(1) ଦୁଃଖଦୁର୍ଦ୍ଦଶା

(2) ସୁଖଶାନ୍ତି

(3) ନିଦ୍ରାହୀନତା

(4) ରୋଗବ୍ୟାଧି

(v) ଉପଯୁକ୍ତ ଉତ୍ତର ଚୟନ କର :

(a) ସୁଖନିଦ୍ରା କାହିଁକି ମଣିଷ ପାଇଁ ଅପରିହାର୍ଯ୍ୟ ଅଟେ ? [1]

(1) ଆଳସ୍ୟତା ଦୂର

(2) ଧନୀହେବା

(3) କର୍ମରତ ରହିବା

(4) ରୋଗମୁକ୍ତ

(b) ଯୌଥ ପରିବାର କହିଲେ କ'ଣ ବୁଝ ? [1]

(1) ମିଳିତ ପରିବାର

(2) ଦରିଦ୍ର ପରିବାର

(3) ଧନୀ ପରିବାର

(4) ଐକ୍ୟ ପରିବାର

(c) ଉତ୍ତର ଗୋଲାର୍ଦ୍ଧରେ ବସନ୍ତ ଆଗମନର ପୂର୍ବ କେଉଁଦିନ 'ବିଶ୍ୱ ଶୟନ ଦିବସ' ପାଳନ କରାଯାଏ ? [1]

(1) ଶୁକ୍ରବାର

(2) ବୁଧବାର

(3) ସୋମବାର

(4) ରବିବାର

**Question 3**

**(A) Do as directed.**

**ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖ ।**

(i) ବାକ୍ୟଟିକୁ ଶୁଦ୍ଧ ରୂପରେ ଲେଖ । [1]

ନିର୍ଦ୍ଦୋଷ ବ୍ୟକ୍ତି ସଦା କାଳେ କାଳେ କ୍ଷମଣୀୟ ।

(ii) ଶୂନ୍ୟସ୍ଥାନରେ ଉପଯୁକ୍ତ ଶବ୍ଦ ଲେଖି ବାକ୍ୟଟିକୁ ପୂର୍ଣ୍ଣ କର । [1]

ସୂର୍ଯ୍ୟ ଉଦୟରେ __________ ବିକଶିତ ହୁଏ ।

20450036

(iii) ନିମ୍ନଲିଖିତ ବାକ୍ୟ ମଧ୍ୟରୁ ଶୁଦ୍ଧ ବାକ୍ୟଟିକୁ ଚୟନ କର । **[1]**

(a) ସବୁ ଛାତ୍ରମାନେ ଗୀତ ଗାଇ ପାରନ୍ତି ନାହିଁ ।

(b) ଅନ୍ୟାନ୍ୟ ମାନେ ଆସିଲେତ ?

(c) ମୋର ବହୁତ ଦିନଗୁଡ଼ିକ ସେଠାରେ ଭଲରେ କଟିଗଲା ।

(d) ସବୁ ପିଲା ମନଖୁସିରେ ଆକଣ୍ଠ ଖାଇଲେ ।

(iv) ଅବ୍ୟବସ୍ଥିତ ବାକ୍ୟଟିକୁ ସଜ୍ଜିତ ରୂପ ପ୍ରଦାନ କର । **[1]**

ପାଇଁ ଶ୍ରେଷ୍ଠ ହେଲେ ପୁରସ୍କୃତ କବି ରଚନା

(v) ବାକ୍ୟଟିର ଅର୍ଥ ନ ବଦଳାଇ ରେଖାଙ୍କିତ ଶବ୍ଦ ପାଇଁ ଅନ୍ୟ ଏକ ଶବ୍ଦ ଚୟନ କର । **[1]**

ସବୁ ମଣିଷଙ୍କ ଜୀବନ ରୂପକ <u>ତରଣୀ</u> ଭବସାଗରରେ ଭାସିଥାଏ ।

(a) ତରଣି

(b) ନୌକା

(c) ଅନିଳ

(d) ସ୍ରୋତ

**(B) Use the idioms in the sentences as per the instruction given.**

**ନିର୍ଦ୍ଦେଶ ଅନୁସାରେ ରଢ଼ି ଶବ୍ଦର ବ୍ୟବହାର କର ।**

(i) ନିମ୍ନଲିଖିତ ରଢ଼ି ଶବ୍ଦକୁ ବାକ୍ୟରେ ବ୍ୟବହାର କର । **[1]**

'ଖାଲରେ ପକେଇବା'

(ii) ଉପଯୁକ୍ତ ରଢ଼ି ଶବ୍ଦ ଚୟନ କରି ଶୂନ୍ୟସ୍ଥାନ ପୂରଣ କର । **[1]**

ନିଜ ଲୋକ __________ ହେଲେ କାହା ଆଗେ ଗୁହାରୀ କରିବି ।

(a) ଗାଁ କନିଆଁ ସିଙ୍ଘାଣି ନାକୀ

(b) ଘର ଢ଼ିଙ୍କି କୁମ୍ଭୀର

(c) କଂସାରି ଘରର ପାରା

(d) ଯୋଗୀ ଘରେ ଢ଼ିଙ୍କି

(iii) ନିମ୍ନଲିଖିତ ବାକ୍ୟ ପାଇଁ ଉପଯୁକ୍ତ ରଢ଼ି ଶବ୍ଦ ବ୍ୟବହାର କର । [1]

ରାମ ଆମେରିକା ବିଷୟରେ ଅତିରଞ୍ଜିତ କରି କହିଲା ।

(a) ଛକା ପଞ୍ଝା

(b) ତିନି ପାଞ୍ଚିରୁ ଯିବା

(c) ନ ଦେଖିଲା ଓଉ ଛ ଫଡ଼ା

(d) ନଈ ନ ଦେଖୁଣୁ ଲଙ୍ଗଳା

(iv) ନିମ୍ନଲିଖିତ ରଢ଼ି ଅର୍ଥ ପାଇଁ ଉପଯୁକ୍ତ ରଢ଼ି ଶବ୍ଦ ଚୟନ କର । [1]

'ସୁବିଧାବାଦୀ'

(a) ତୁଳସୀ ଦୁଇ ପତ୍ରରୁ ବାସେ

(b) ଝିଣ୍ଟିକା ମାରି ବଣି ପୋଷିବା

(c) ତାଳ ପଡ଼ିବାକୁ କାଉ ଉଡ଼ିବା

(d) କଙ୍କଡ଼ାକୁ ଗୋଳିପାଣି ସୁହାଏ

(v) ରଢ଼ି ଶବ୍ଦଟିକୁ ସଜ୍ଜିତ ରୂପ ପ୍ରଦାନ କର । [1]

ଯେତେ ମାଠ ମାଠିବୁ, କାଠ ଦରପୋଡ଼ା ସେଇ ।

## SECTION - B
## (LITERATURE - 40 MARKS)

*Answer **four** questions from this section on **any three** out of four prescribed textbooks.*

**ଚାରିଟି ନର୍ଦ୍ଦିଷ୍ଟ ପାଠ୍ୟ ପୁସ୍ତକରୁ ଯେକୌଣସି ତିନିଟି ପୁସ୍ତକରୁ ୪ଟି ପ୍ରଶ୍ନର ଉତ୍ତର ଦିଅ**

### ପଲ୍ଲିଶ୍ରୀ (PALLISHREE)

**Question 4**

ମିଳିଲେ ଯେତେ ନାରୀ ଜାଗର ଦୀପ ଜାଳି
ଅଗଣା ତଳେ
ନୁଖୁରା ଦେଉଳଟା ଦେଖାଏ କେତେ ଛଟା
ଆଜି ଗୋ ଭଲେ ।

(i) ଶିବ ମନ୍ଦିରଟି କେଉଁଠାରେ କିପରି ଅବସ୍ଥାରେ ରହିଛି ? [1]

(ii) ସେହି ମନ୍ଦିରଟି ଆଜି ଉତ୍ସବ ମୁଖର ହୋଇ ଉଠିଛି କାହିଁକି ? [2]

(iii) ନାରୀମାନେ ଶିବ ମନ୍ଦିରକୁ ଯାଉଥିଲେ କାହିଁକି ? [2]

(iv) ଶିବ ପୂଜା କବିତାରେ କବି ଉପସ୍ଥାପିତ କରିଥିବା ବିଶେଷତ୍ୱ ଉପସ୍ଥାପନ କର । [5]

**Question 5** **[10]**

ସାମନ୍ତବାଦ ବର୍ବରତା ସମଗ୍ର ମାନବ ସମାଜକୁ ସର୍ବସ୍ୱାନ୍ତ କରିଛି - 'ଛୋଟ ମୋର ଗାଆଁଟି' କବିତାକୁ ଆଧାର କରି ଉକ୍ତିଟିର ଯଥାର୍ଥତା ପ୍ରତିପାଦନ କର ।

**Question 6** **[10]**

'ଜଗନ୍ନାଥଙ୍କୁ' କବିତାରେ ଜଗନ୍ନାଥ ଚେତନାର ଗାରିମା ସାଙ୍ଗକୁ କବିଙ୍କର ସମାଜ ସଚେତନତା ଦୃଷ୍ଟିଭଙ୍ଗୀ ବର୍ଣ୍ଣନା କର ।

## ଗଳ୍ପ ବାରିଧି (GALPA BARIDHI)

**Question 7**

''ସନୁମା ଖୁଡ଼ୀ ଅନ୍ଧୁଣୀ ହୋଇଗଲା । ସେତେବେଳେ ଆମେ ଅବଶ୍ୟ ଜନ୍ମ ହୋଇନଥିଲୁ; କିନ୍ତୁ ଆମେ ଶୁଣିଛୁ ଖୁଡ଼ୀ ଭାରି କଷ୍ଟ ପାଇଲା । ଏହାର କିଛିଦିନ ପରେ ସାରାରାତିର ଯନ୍ତ୍ରଣା ପରେ, ସକାଳେ ଜନ୍ମ ହେଲା ସନୁ ।''

(i) ସନୁର ଜନ୍ମ ହେଲା କ୍ଷଣି ଖୁଡ଼ୀର ପ୍ରଥମ ପ୍ରଶ୍ନ କ'ଣ ଥିଲା ? [1]

(ii) ଖୁଡ଼ୀ ଅନ୍ଧୁଣୀ ହେଲା କିପରି ? [2]

(iii) କେଉଁ ପ୍ରଶ୍ନର ଉତ୍ତର ଗାଳ୍ପିକ ଆଦୌ ଜାଣି ପାରୁ ନଥିଲେ ? [2]

(iv) ଜନ୍ମରୁ ଅନ୍ଧ ଥିବା ଓ୍ ପରେ ଅନ୍ଧ ହେବା ମଧ୍ୟରେ କି ବାସ୍ତବ ପ୍ରଭେଦ ରହିଛି ? [5]

**Question 8** **[10]**

ନାରୀ ଶିକ୍ଷା ବିରୁଦ୍ଧରେ ପାରମ୍ପରିକ ଯେଉଁ ଅଗ୍ନି ବର୍ଷଣ, ତାରି ଭିତରେ ଦଗ୍ଧୀଭୂତ ରେବତୀର ଚରିତ୍ର ଚିତ୍ରଣ କର ।

**Question 9** **[10]**

ଦାରିଦ୍ର୍ୟ ବିରୁଦ୍ଧରେ ଅଣନିଃଶ୍ୱାସୀ ହୋଇ ସଂଗ୍ରାମ କରୁଥିବା ଓଡ଼ିଆ ଜାତି ପରାଜୟ ଗ୍ଲାନିରେ କେବେ ଭାଙ୍ଗି ପଡ଼ିନି - ''ଘାସ'' ଗଳ୍ପକୁ ଭିତ୍ତି କରି ଆଲୋଚନା କର ।

## ଦିଗ୍‌ଦର୍ଶକ (DIG DARSHAK)

**Question 10**

''ଅପରିପକ୍ୱ ବାଳକର ଏ ଧୃଷ୍ଟତା ତାଙ୍କର ଅସହ୍ୟ ହେଲା । ପର ମୁହୂର୍ତ୍ତରେ ମାଇକେଲ୍ ଏଞ୍ଜେଲୋଙ୍କୁ ସେ ସ୍ଥାନ ପରିତ୍ୟାଗ କରିବା ବ୍ୟତୀତ ଅନ୍ୟ ଉପାୟ ନଥିଲା ।''

(i) ପରବର୍ତ୍ତୀ କାଳରେ ମାଇକେଲ୍ ଏଞ୍ଜେଲୋ କେଉଁ କଳାକେନ୍ଦ୍ରରେ ଯୋଗ ଦେଲେ ? [1]

(ii) ସେହି କଳାକେନ୍ଦ୍ରରେ ତାଙ୍କର କାର୍ଯ୍ୟ କ'ଣ ଥିଲା ? [2]

(iii) ମାଇକେଲ୍ ଘିରଲାଣ୍ଡିଓଙ୍କ ଚିତ୍ରଶାଳା ପରିତ୍ୟାଗ କରିବାର କାରଣ କ'ଣ ? [2]

(iv) ମାଇକେଲ୍ ଏଞ୍ଜେଲୋଙ୍କ ବାଲ୍ୟଜୀବନ ଉଲ୍ଲେଖ କର । [5]

---

**Question 11** **[10]**

କେଉଁପରି ଭାବରେ ଆଇନଷ୍ଟାଇନ୍‌ଙ୍କ ଗାଣିତିକ ସମୀକରଣ ପରମାଣୁ ତର୍କ ବିତର୍କର ଆଧାର ହୋଇଥିଲା ?

**Question 12** **[10]**

ସକ୍ରେଟିସ୍‌ଙ୍କ ବିରୁଦ୍ଧରେ କି ଅଭିଯୋଗ ହୋଇଥିଲା ଓ ତାର ପରିଣତି କ'ଣ ହେଲା ?

### ଛ'ମାଣ ଆଠଗୁଣ୍ଠ (CHHA MANA ATHAGUNTHA)

**Question 13**

'ଗ୍ରାମରେ ଗୋରୁ ଜଗା ପିଲାମାନେ ଖରାବେଳେ ପଡ଼ିଆରେ ଗୋରୁ ଛାଡ଼ିଦେଇ ଠାକୁରାଣୀଙ୍କ ନିକଟ ଗଛମୂଳରେ ଖେଳନ୍ତି । ହଠାତ୍ ଖେଳ ଛାଡ଼ି ପାଞ୍ଚଣ ଧରି ସମସ୍ତେ ଘେରିଗଲେ । ସେମାନଙ୍କ ଦେଖାଦେଖି ଗ୍ରାମର ଦଶ ପନ୍ଦର ଜଣ ରୁଣ୍ଡ ହୋଇଗଲେ ।'

(i) ଗ୍ରାମରେ କେଉଁ ଠାକୁରାଣୀଙ୍କ ପୂଜା ହୁଏ ? [1]

(ii) ଗ୍ରାମରେ ଠାକୁରାଣୀଙ୍କ ପୂଜାର ବିଶେଷତ୍ୱ କ'ଣ ? [2]

(iii) ଠାକୁରାଣୀଙ୍କ ବାଘ ଗାତ ଖୋଳିଥିବା କଥା ଶୁଣି ଭୀମା ମା' ଭଣ୍ଡାରୁଣୀ କି ପ୍ରତିକ୍ରିୟା ଦେଲା ? [2]

(iv) ଠାକୁରାଣୀଙ୍କ ଆସ୍ଥାନର ପରିବେଶ କିପରି ଥିଲା ? [5]

**Question 14** **[10]**

ଚମ୍ପାକୁ ହରକଳା କହିବା ଯଥାର୍ଥତା ପ୍ରତିପାଦନ କର ।

**Question 15** **[10]**

ଉପନ୍ୟାସକୁ ଭିତ୍ତି କରି ମାଁ ସାଆନ୍ତାଣୀଙ୍କ ଚରିତ୍ର ଚିତ୍ରଣ କର ।

SEAL
2045003620450036
20450036